

# ଆମ୍ବାନୀଙ୍କ ସୁର ତାଳରେ ରାହୁଲ ଓ ମୋଦିଙ୍କ ନୃତ୍ୟ



## ଆମ୍ ଆଦ୍‌ମୀଙ୍କ ତରଫରୁ ନରେନ୍ଦ୍ର ମୋଦୀଙ୍କୁ ଖୋଲା ଚିଠି

ପ୍ରିୟ ମୋଦିଜୀ,

ଦିଲ୍ଲୀ ସରକାରଙ୍କ ଦୁର୍ନିତୀ ନିବାରଣ ବିଭାଗ, କେ. ଜି. ବାସିନ୍‌ଙ୍କ ଗ୍ୟାସ୍ ମୂଲ୍ୟାୟନ ସ୍କୀମ୍ ସହିତ ମୁକେଶ୍ ଆମ୍ବାନୀ ସଂଶ୍ଳିଷ୍ଟ ଥିବାରୁ ତାଙ୍କ ବିରୁଦ୍ଧରେ ଏକ FIR ଦାଖଲ କରିଥିଲେ । ଅଭିଯୋଗଟି ଥିଲା : – UPA ର କେତେକ ମନ୍ତ୍ରୀ ମୁକେଶ୍ ଆମ୍ବାନୀଙ୍କ ସପକ୍ଷରେ ଯାଇ ଗ୍ୟାସ୍ ମୂଲ୍ୟାୟନକୁ ଅତ୍ୟାଧିକ କରାଇଥିଲେ । ୨୦୦୦ ମସିହାରେ NDA ସରକାରଙ୍କ ଶାସନ ସମୟରେ, ମୁକେଶ୍ ଆମ୍ବାନୀଙ୍କୁ କେତେଗୁଡ଼ାଏ ଗ୍ୟାସ୍ ଫିଲ୍‌ଡ଼ ପ୍ରାକୃତିକ ଗ୍ୟାସ୍ ଉତ୍ତୋଳନ ନିମିତ୍ତ ଦିଆଯାଇଥିଲା । ପରବର୍ତ୍ତୀ ୧୭ ବର୍ଷ ପର୍ଯ୍ୟନ୍ତ ଶ୍ରୀ ଆମ୍ବାନୀ ସରକାରଙ୍କୁ UNIT ପିଛା $୨.୩ (ଆମେରେକୀୟ ଡ଼ଲାର) ହିସାବରେ ଯୋଗାଇ ଦେବା ନିମିତ୍ତ ଚୁକ୍ତି ମଧ ହୋଇଥିଲା ।

କିନ୍ତୁ କେତେକ ସମୟ ପରେ ସରକାରଙ୍କ ଉପରେ ବାରମ୍ବାର ଚାପ ପ୍ରୟୋଗ କରି ଆମ୍ବାନୀ ମହାଶୟ UNIT ପିଛା $୪ରୁ ଅଧିକ ଦାମ୍ ବଢ଼ାଇ ଦେଇଥିଲେ । ଆମ୍ବାନୀଙ୍କ ବିରୁଦ୍ଧରେ ଅଭିଯୋଗ ହେଲା ଯେ, ଖଣିରୁ ପ୍ରାକୃତିକ ଗ୍ୟାସ୍ ଉତ୍ତୋଳନ UNIT ପିଛା $୧ ରୁ ମଧ୍ୟ କମ୍ ଖର୍ଚ୍ଚ ହେବ । ଏହାର ଅର୍ଥ ହେଲା ଯେ, କେନ୍ଦ୍ର ସରକାର ମୁକେଶ୍ ଆମ୍ବାନୀଙ୍କୁ $୪ ରେ ଗ୍ୟାସ୍ ଦେଉଥିଲେ, ଯାହାକି ଗୋଟିଏ ଡ଼ଲାରରୁ ମଧ୍ୟ ଶସ୍ତା ।

କିନ୍ତୁ ପ୍ରକୃତ ପକ୍ଷେ, ଭ୍ରାନ୍ତ ଉପସ୍ଥାପନା ହେଉଛି, ଏବେ କେନ୍ଦ୍ର ସରକାର ସ୍ଥିର କରିଛନ୍ତି ଯେ, ଏପ୍ରିଲ୍ ପହିଲାରୁ UNIT ପିଛା $୮ ହିସାବରେ ଦେବେ, ଯାହାର ଉତ୍ପାଦିକା ଖର୍ଚ୍ଚ ଏକ ଡ଼ଲାର ରୁ ମଧ୍ୟ କମ୍ ଅଟେ । ଏହାଦ୍ୱାରା ସ୍ପଷ୍ଟ ସୂଚିତ ହେଉଛି ଯେ ଏହି ନିଷ୍ପତ୍ତି ମୁକେଶ୍ ଆମ୍ବାନୀଙ୍କ ପାଇଁ ୫୪ ହଜାର କୋଟି ଟଙ୍କାର ଏକ ଆଶାତୀତ ଲାଭଦାୟକ ଚୁକ୍ତି ହେବ । ଦିଲ୍ଲୀ ସରକାରଙ୍କ ବଜେଟ୍‌ର ମୂଲ୍ୟ ସମୁଦାୟ ୪୦ହଜାର କୋଟି ଟଙ୍କା । ଏହାର ଅର୍ଥ ହେଉଛି ସରକାର ମୁକେଶ୍ ଆମ୍ବାନୀଙ୍କୁ ଅସଦ୍ ଉପାୟରେ ଦିଲ୍ଲୀ ସରକାରଙ୍କ ବଜେଟ୍ ଅପେକ୍ଷା ଅତ୍ୟାଧିକ ଲାଭ ଦେଉଛନ୍ତି ଏବଂ ଏହି ସମସ୍ତ ଅର୍ଥ ଆମ୍ ଆଦ୍‌ମୀଙ୍କ ପକେଟ୍‌ରୁ ହିଁ ଦିଆଯାଉଛି, କିନ୍ତୁ କାହିଁକି ?

**ଏପ୍ରିଲ୍ ପହିଲା ଠାରୁ ସାରା ଦେଶରେ ଏଥିପାଇଁ ସ୍ୱର ଉତ୍ତୋଳନ କରାଯିବ । ପ୍ରାକୃତିକ ଗ୍ୟାସ୍ ଉତ୍ତୋଳନର ପରିବହନର ମୂଲ୍ୟ ମଧ୍ୟ ବହୁତ୍ ବେଶୀ ବଢ଼ିଯିବ । କେ.ଜି. ବାସିନ୍ ଗ୍ୟାସ୍ ଆମ ଦେଶରେ ବିଦ୍ୟୁତ୍ ଉତ୍ପାଦନ ପାଇଁ ବ୍ୟବହାର କରାଯାଇଥାଏ, ତେଣୁ ଗ୍ୟାସ୍ ଉତ୍ତୋଳନର ମୂଲ୍ୟାୟନ ବିଦ୍ୟୁତ୍ ଶକ୍ତିର ମୂଲ୍ୟାୟନକୁ ମଧ୍ୟ ବର୍ଦ୍ଧିତ କରିବ । ଏହି ଗ୍ୟାସ୍ ସାର ଉତ୍ପାଦନରେ ବ୍ୟବହାର କରାଯାଉଥିବାରୁ, ଏହାର ପ୍ରଭାବ, ଖାଦ୍ୟ ପଦାର୍ଥର ମୂଲ୍ୟାୟନ ବୃଦ୍ଧିକରିବ, ଏଥିରୁ ସହଜରେ ଅନୁମେୟ ଯେ, ଦ୍ରୁତବର୍ଦ୍ଧିତ ମୂଲ୍ୟାୟନ ସାଧାରଣ ଜନତାଙ୍କ ଉପରେ କି ପ୍ରକାର ପ୍ରଭାବ ପକାଇବାର ସମ୍ଭାବନା ରହିଛି ।**

ମୋଦିଜୀ, ଏ ପର୍ଯ୍ୟନ୍ତ ଆପଣ ଏବଂ ରାହୁଲଜୀ ଏହି ପ୍ରସଙ୍ଗ ଉପରେ ଚୁପ୍ ରହିଛନ୍ତି କାହିଁକି ? ଆମ୍ ଆଦମୀ ଆପଣଙ୍କ ଠାରୁ ଜାଣିବାକୁ ଚାହେଁ ଯେ, ଆପଣ କ୍ଷମତାକୁ ଆସିଲେ, ଆମ୍ବାନୀଙ୍କ ଉପରେ ପ୍ରାକୃତିକ ଗ୍ୟାସ୍ UNIT ପିଛା $୮ କିମ୍ବା $୪, କେଉଁଟା ଆଦାୟ କରିବେ ?

ଯେତେବେଳେ ଆମ୍ ଆଦ୍‌ମୀର ଦୁର୍ନିତୀ ନିବାରଣ ବିଭାଗ ମୁକେଶ ଆମ୍ବାନୀଙ୍କ ବିରୁଦ୍ଧରେ FIR ଦେଇଥିଲା, ସେତେ ବେଳେ ବିଜେପି ଏବଂ କଂଗ୍ରେସ୍ ଦଳର ବହୁ ବରିଷ୍ଠନେତା ଏହାକୁ ପ୍ରବଳ ପ୍ରତିବାଦ କରିଥିଲେ, ଉଭୟ ଦଳଙ୍କର ସଂପର୍କ ଆମ୍ବାନୀଙ୍କ ସହିତ ଅତ୍ୟନ୍ତ ଘନିଷ୍ଠକି ?

ଶ୍ରୀ ପରିମଳ ନାଥୁୟାନୀ ମୁକେଶ୍ ଆମ୍ବାନୀ ଗ୍ରୁପ୍ ଅଫ୍ କମ୍ପାନୀର ଦଳ ସଭାପତି, ଆପଣଙ୍କ ସହାୟତାରେ ଏବେ ସେ ରାଜ୍ୟସଭାର ସଦସ୍ୟ । ଆପଣ ଆପଣଙ୍କ ଦଳ ଏବଂ ଆମ୍ବାନୀଙ୍କ ମଧ୍ୟରେ

ଥିବା ସଂପର୍କ, ସାଧାରଣ ଜନତାଙ୍କ ମନରେ ସନ୍ଦେହର ସୁତ୍ରପାତ କରିଛି । ଆପଣ ଏବଂ ରାହୁଲଜୀ ବ୍ୟକ୍ତିଗତ ହେଲିକେପ୍ଟର ଓ ଉଡ଼ାଜାହାଜ ଦେଶ ଭିତରେ ଏବଂ ବାହାରେ ମଧ୍ୟ ବ୍ୟବହାର କରନ୍ତି । ମୋଦିଜୀ, ଏହି ଗସ୍ତ ଖର୍ଚ୍ଚ କିଏ ବହନ କରିଥାଏ ? ସମ୍ବାଦ ପତ୍ରର ସମ୍ବାଦ ଅନୁଯାୟୀ, ଆପଣ ମୁକେଶ୍ ଆମ୍ବାନୀଙ୍କ ଜେଟ୍‌ରେ ଖୋଲାଖୋଲି ଭାବରେ ଭ୍ରମଣ କରିଥାନ୍ତି । ସାଧାରଣ ଜନତାଙ୍କ ମତାନୁଯାୟୀ ରାହୁଲ ଗାନ୍ଧୀ ମଧ୍ୟ ଆମ୍ବାନୀଙ୍କ ଉଡ଼ାଜାହାଜ ବ୍ୟବହାର କରିଥାନ୍ତି, ଆପଣ ଏଥିପାଇଁ ନିଜେ ଖର୍ଚ୍ଚ ବହନ କରିଥାନ୍ତି ନା ମାଗଣାରେ ଏହିସେବା ଉପଲବ୍ଧ କରିଥାନ୍ତି ।

ଆପଣ ଆପଣଙ୍କ ଶୋଭାଯାତ୍ରା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବାର ଆମ୍ ଆଦ୍‌ମୀ ଲକ୍ଷ୍ୟ କରିଛି । କେତେକ ବିଶ୍ୱାସ କରନ୍ତି ଯେ, ଆମ୍ବାନୀ ଏଥିପାଇଁ ସମସ୍ତ ଖର୍ଚ୍ଚ ବହନ କରୁଛନ୍ତି, ଏହା ସତ୍ୟ ଅଟେ କି ?

ନୀର ରାଡ଼ିଆ ଟେପ୍‌ରେ କଂଗ୍ରେସ୍ ପାର୍ଟି ମୁକେଶ୍ ଆମ୍ବାନୀଙ୍କ ବ୍ୟକ୍ତିଗତ ଦୋକାନ ବୋଲି ଶୁଣିବାକୁ ମିଳିଥିଲା । ଲୋକେ କୁହନ୍ତି ଯେ, ସରକାର ଆମ୍ବାନୀଙ୍କ ସହିତ ପରାମର୍ଶ କରି କେନ୍ଦ୍ର ମନ୍ତ୍ରୀ ମାନଙ୍କୁ ମନୋନୀତ କରନ୍ତି ଏବଂ କେନ୍ଦ୍ରର ବରିଷ୍ଠ ପଦାଧିକାରୀ ମାନଙ୍କୁ ନିଯୁକ୍ତି ଦିଅନ୍ତି । ଜନସାଧାରଣ ଅନୁଭବ କରନ୍ତି ଯେ, ବାସ୍ତବ ପକ୍ଷେ ୟୁପିଏ ସରକାର ଆମ୍ବାନୀଙ୍କ ଦ୍ୱାରା ନିୟନ୍ତ୍ରିତ ଓ ପରିଚ୍ଛଳିତ ହୋଇଥାଆନ୍ତି ।

ଯଦି ଆମ୍ବାନୀ ସେହି ପ୍ରକାର ସମର୍ଥନ ଆପଣଙ୍କୁ କରୁଥାନ୍ତି, ତେବେ ଏହା ଜନସାଧାରଣଙ୍କ ପ୍ରତି ଏକ ବିରାଟ ବିଶ୍ୱାସଘାତକତା ହେବ । ଯଦି କୌଣସି ମତେ ଆପଣ ଭାରତର ପ୍ରଧାନମନ୍ତ୍ରୀ ହୁଅନ୍ତି, ତେବେ ଆପଣଙ୍କ ସରକାର ଆମ୍ବାନୀଙ୍କ ଦ୍ୱାରା ପରିଚାଳିତ ହେବେ ବୋଲି ଧରାଯିବ କି ?

ବାରମ୍ବାରର ଆପଣଙ୍କ ବକ୍ତବ୍ୟରେ ସୁଇସ୍ ବ୍ୟାଙ୍କରୁ କଳାଧନ ଫେରସ୍ତ ଆଣିବା କଥା ଆପଣ କହୁଛନ୍ତି । କିନ୍ତୁ ଆମ୍ବାନୀ ଭାଇଙ୍କର ସୁଇସ୍ ବ୍ୟାଙ୍କରେ ପ୍ରଚୁର କଳାଧନ ଜମାରହୁଛି ଏବଂ ସେହି **ବ୍ୟାଙ୍କ ଆକାଉଣ୍ଟ ନଂ ହେଲା ୫୦୯୦୧୬୦୯୮୩ ଏବଂ ୫୦୯୦୧୬୦୯୮୪** । ମୋଦିଜୀ, ଯଦି ଆପଣଙ୍କର ଆମ୍ବାନୀଙ୍କ ସହିତ ଘନିଷ୍ଠ ସଂପର୍କ ରହିଛି ଏବଂ ସେ ଆପଣଙ୍କ ନିର୍ବାଚନ ଖର୍ଚ୍ଚ ବହନ କରୁଛନ୍ତି ତେବେ ଆପଣ ନିର୍ବାଚନ ପରେ ସେହି କଳା ଧନକୁ ସୁଇସ୍ ବ୍ୟାଙ୍କ୍‌ରୁ ଫେରାଇ ଆଣିବା ପାଇଁ ସମର୍ଥ ହେବେକି ? ଏଣୁ ଏହା ମୋର ବିନମ୍ର ଅନୁରୋଧ ଯେ, ଆପଣ ଦୟାପୂର୍ବକ ମୌନତା ଭଙ୍ଗକରି ମୋର ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅନ୍ତୁ ।

**ପ୍ରଶ୍ନ ୧ : ଯଦି ଆପଣଙ୍କ ସରକାର କ୍ଷମତାକୁ ଆସେ, ଆପଣ ମୁକେଶ୍ ଆମ୍ବାନୀଙ୍କ ଠାରୁ ପ୍ରାକୃତିକ ଗ୍ୟାସ୍ $୪ ନା $୮ରେ କିଣିବେ ?**

**ପ୍ରଶ୍ନ ୨ : ଆପଣ ଏବଂ ଆପଣଙ୍କ ଦଳ ସହିତ ମୁକେଶ୍ ଆମ୍ବାନୀଙ୍କ ସଂପର୍କର ପ୍ରକୃତ ରୂପରେଖ କଣ ଅଟେ ?**

**ପ୍ରଶ୍ନ ୩ : ଆପଣଙ୍କ ନିର୍ବାଚନ ଖର୍ଚ୍ଚର ପରିମାଣ କେତେ ଓ ଏହା କିଏ ବହନ କରୁଛନ୍ତି ?**

ଏହି ଚିଠିରେ ସ୍ଥାନିତ ପ୍ରଶ୍ନଗୁଡ଼ିକ ଜନସାଧାରଣଙ୍କ ଭବିଷ୍ୟତ ଉପରେ ପ୍ରଭାବ ପକାଉଥିବାରୁ ମୁଁ ଏହାକୁ ଖୋଲାଖୋଲି ଭାବରେ ଉପସ୍ଥାପନ କରୁଛି । ଆପଣ ମୋତେ ପ୍ରତ୍ୟକ୍ଷ ଭାବରେ ଏହାର ଉତ୍ତର ଦେଇ ନପାରନ୍ତି; ମାତ୍ର ଏହି ପ୍ରଶ୍ନର ଉତ୍ତର ଗୁଡ଼ିକୁ ଯଦି ଗୋଟିଏ ସାଧାରଣ ସଭାରେ ବକ୍ତବ୍ୟ ଆକାରରେ ବ୍ୟକ୍ତ କରିବେ, ଆମ୍ ଆଦ୍‌ମୀର ସନ୍ଦେହର ଅବକାଶ ରହିବ ନାହିଁ ।

**ଅରବିନ୍ଦ୍ କେଜ୍‌ରିୱାଲ୍**

# ଆଗ ତଡ଼ିଲୁ ଗୋରାଙ୍କୁ
# ଏଥର ତଡ଼ିବୁ ଚୋରଙ୍କୁ

ଏହି ଦେଶରେ ପ୍ରଥମ ଥର ପାଇଁ କେହି ଜଣେ ଖୋଲାଖୋଲି ଭାବରେ ମୁକେଶ ଆମ୍ବାନୀଙ୍କୁ ଟକ୍କର ଦେଇଛନ୍ତି । ମାତ୍ର ୪୯ ଦିନର ଶାସନ କାଳ ମଧ୍ୟରେ ଅରବିନ୍ଦ୍ କେଜରିୱାଲ୍ ମୁକେଶ ଆମ୍ବାନୀଙ୍କ ବିରୁଦ୍ଧରେ ଏକ FIR ଦର୍ଜ କରିଛନ୍ତି ଏବଂ ଦୁର୍ନିତୀଗ୍ରସ୍ତ UPA ମନ୍ତ୍ରୀମାନଙ୍କ ବିରୁଦ୍ଧରେ ମଧ୍ୟ ସ୍ୱର ଉତ୍ତୋଳନ କରିଛନ୍ତି । ଏହି ସମଗ୍ର ଦେଶ ମଧ୍ୟରେ ଏ ପର୍ଯ୍ୟନ୍ତ କାହାରି ଜଣଙ୍କର ମଧ୍ୟ ମୁକେଶ ଆମ୍ବାନୀଙ୍କ ଆଡ଼କୁ ଆଙ୍ଗୁଠି ଦେଖାଇବାର ସତ୍‌ସାହାସ ହୋଇଛି କି ?

## ମୋଦିଙ୍କ ଅସଲ ରୂପ

ଗଣମାଧ୍ୟମର କେତେକ ପ୍ରତିନିଧି ଶତମୁଖ ହୋଇ ଚିତ୍କାର କରୁଛନ୍ତି ଯେ, ମୋଦିଜୀ ହେଉଛନ୍ତି ଦେଶ ଉନ୍ନତିର ମୁଖଶାଳା, କାରଣ, ସେ ଗୁଜୁରାଟରୁ ଦୁର୍ନିତୀର ମୁଳୋତ୍ପାଟନ କରିଛନ୍ତି ଏବଂ ରାମରାଜ୍ୟ ପ୍ରତିଷ୍ଠା କରି ଜନସାଧାରଣଙ୍କୁ ଉନ୍ନତ ତଥା ସୁଖମୟ ଜୀବନ ପ୍ରଦାନ କରିଛନ୍ତି ।

ଗୁଜୁରାଟର ଜନସାଧାରଣଙ୍କ ମତରେ ଏହି 'ଅବାସ୍ତବ ଦାୟିତ୍ୱଶୂନ୍ୟ ଉନ୍ନତିର କାହାଣୀ' ହେଉଛି - ଗଣମାଧ୍ୟମର ଏକ ନିଛକ ମିଥ୍ୟା ପ୍ରଚାର । ଗୁଜୁରାଟର କୃଷକମାନେ ଲୁହ ନୁହେଁ ରକ୍ତ କାନ୍ଦୁଛନ୍ତି । ସେମାନଙ୍କୁ ସେମାନଙ୍କର ଜମିବାବତକୁ ନାମକୁ ମାତ୍ର ସ୍ୱଳ୍ପ ମୂଲ୍ୟ ଫିଙ୍ଗି ଆଦାନୀ ଏବଂ ଆମ୍ବାନୀଙ୍କ ଭଳି ପ୍ରତିଷ୍ଠିତ ବିଶାଳ ଶିଳ୍ପପତି ମାନଙ୍କୁ ଉପହାର ଦିଆଯାଇଛି । କେତେକ କୃଷକ କ୍ଷତିପୂରଣ ବାବତକୁ ସେହି ସ୍ୱଳ୍ପ ମୂଲ୍ୟ ମଧ୍ୟ ପାଇପାରି ନାହାଁନ୍ତି । ସେମାନଙ୍କ ମଧ୍ୟରୁ ଯେଉଁମାନେ ଏହି କ୍ଷତିପୂରଣ ବାବତରେ ଯାହାକିଛି ପାଇଛନ୍ତି, ତାହା ମଧ୍ୟ ବଜାର ଦର ଅପେକ୍ଷା ଅତ୍ୟଳ୍ପ ।

ଉହାଦରଣ ସ୍ୱରୂପ ଏକରପିଛା ବଜାରଦର ୫୦ଲକ୍ଷ ଟଙ୍କା ଥିବାବେଳେ, ସେମାନେ ତାହା ଏକର ପିଛା ଏକ ଲକ୍ଷଟଙ୍କା ପାଇଛନ୍ତି ।

ଅତୀତରେ କୃଷକମାନେ ଅନେକ କ୍ଷେତ୍ରରେ ସରକାରୀ ସାହାଯ୍ୟ ପାଇଛନ୍ତି । ଅଧିକାଂଶ ସରକାରୀ ସାହାଯ୍ୟ ଗୁଜୁରାଟରେ କାଳକ୍ରମେ ବନ୍ଦ ହୋଇଯାଇଛି । କୃଷକ ତାର ଉତ୍ପାଦିତ ପଦାର୍ଥର ଉଚିତ୍ ମୂଲ୍ୟ ବଜାରରୁ ପାଉନାହିଁ । ଏହି କାରଣରୁ ଗୁଜୁରାଟରେ ୧୦ବର୍ଷ ତଳେ ୮୦୦ କୃଷକ ଆତ୍ମହତ୍ୟା କରିବାର ପ୍ରମାଣ ରହିଛି ।

ଭ୍ରଷ୍ଟାଚାର ନିୟନ୍ତ୍ରଣ ବିହୀନ ହୋଇ ଗୁଜୁରାଟକୁ ସଂପୂର୍ଣ୍ଣ ଭାବରେ ଗ୍ରାସ କରିଛି । ଏପରିକି ଇନ୍ଦିରା ଆବାସ ଯୋଜନା ଅନ୍ତର୍ଭୂକ୍ତ ଘରଟିଏ ପାଇବା ପାଇଁ ୫୦୦୦ ହଜାର ଟଙ୍କା ନିହାତି କମ୍‌ରେ ଲାଞ୍ଚ ଦେବାକୁ ପଡୁଛି । କେବଳ ସେତିକି ନୁହେଁ, ସରକାରୀ ସ୍ତରରେ ସମସ୍ତ କାର୍ଯ୍ୟ, ଯେପରିକି - ଡ୍ରାଇଭିଂ ଲାଇସେନ୍‌ସ, ଶିଳ୍ପ ପାଇଁ ଲାଇସେନ୍‌ସ, ଜମି/ଘର ପାଇଁ ନକ୍ସା, ବିପିଏଲ୍ କାର୍ଡ଼ କିମ୍ବା ପୋଲିସ୍ ଷ୍ଟେସନରେ କୌଣସି ବିଷୟରେ ଅଭିଯୋଗ ଦେବାକୁ ହେଲେ ଲାଞ୍ଚ ଦେବାକୁ ପଡ଼ିଥାଏ ।

ତୁଳନାତ୍ମକ ଭାବରେ, ଦିଲ୍ଲୀ ଆମ୍ ଆଦ୍‌ମୀ ପାର୍ଟି ସରକାର ତାଙ୍କର ୪୯ଦିନର ଶାସନକାଳରେ ଭ୍ରଷ୍ଟାଚାରକୁ ବିସ୍ତାରିତ ଭାବରେ ଲୋପ କରିବାକୁ ଚେଷ୍ଟା କରିଛନ୍ତି । ଫଳରେ ପୋଲିସ୍ ଲାଞ୍ଚ ନେବା ବନ୍ଦ କରିଛି । ପରିବହନ କାର୍ଯ୍ୟାଳୟ ମାନଙ୍କରୁ ଟାଉଟର ମାନେ ଛାଡ଼ି ପଳାଇଛନ୍ତି । ସରକାରୀ ହସ୍‌ପିଟାଲ ମାନଙ୍କରେ ଉପଯୁକ୍ତ ପରିମାଣରେ ଔଷଧ ଗଚ୍ଛିତ ରଖାଯାଇଛି ଏବଂ ତଳସ୍ତରରେ ମଧ୍ୟ ଆହୁରି ଅନେକ ବେଶ୍ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି । ସେଠାରେ ପ୍ରଭାବ ବିସ୍ତାର କରିଥିବା ଭୟଙ୍କର ଭ୍ରଷ୍ଟାଚାରକୁ ମୋଦି ଏଗାର ବର୍ଷ ମଧ୍ୟରେ ହଟାଇବାକୁ ଅକ୍ଷମ ଥିଲେ ମାତ୍ର ତାହାକୁ ଅରବିନ୍ଦ୍ କେଜରିୱାଲ୍ ତାଙ୍କ ସରକାର ଗଠନର ୪୯ ଦିନ ମଧ୍ୟରେ ହଟାଇ ଦେବାପାଇଁ ସକ୍ଷମ ହୋଇଥିଲେ ।

ତେବେ ଗଣମାଧ୍ୟମ କାହିଁକି ମୋଦିଙ୍କୁ ଭାରତର ଏକ ଉନ୍ନତ ମଣିଷ ଭାବରେ ବର୍ଣ୍ଣନା କରୁଛି ? ମୋଦିଙ୍କର ପୋଲିସ୍ କର୍ମଚାରୀ ଆଦାନୀ ଓ ଆମ୍ବାନୀଙ୍କ ଦ୍ୱାରା ହଜାର ହଜାର କୋଟି ଟଙ୍କାର ଲାଭ ପାଉଛନ୍ତି । ବର୍ତ୍ତମାନ୍ ଏହି ଶିଳ୍ପପତିମାନେ ଅଧିକାଂଶ ଗଣମାଧ୍ୟମକୁ ଅକ୍ତିଆରରେ ନେଇ ଯାଇଛନ୍ତି । ଯେଉଁଠିକି ମୋଦିଙ୍କୁ ଅତ୍ୟନ୍ତ ସୁନ୍ଦର କୋମଳ ଗୋଲାପ ରଙ୍ଗରେ ଓ ଅରବିନ୍ଦ୍ କେଜରିୱାଲଙ୍କୁ ଧୂଆଁଳିଆ ଗାଢ଼ା କଳା ରଙ୍ଗରେ ରଙ୍ଗେଇ ଦେଇଛି ।

## କେବଳ ଆମ ଆଦମୀ ପାର୍ଟି ହିଁ ଦେଶର ଭ୍ରଷ୍ଟାଚାର ଓ ଦ୍ରୁତ ମୂଲ୍ୟ ବୃଦ୍ଧିକୁ ରୋକିପାରିବ ।

ଆମ୍ ଆଦମୀ ପାର୍ଟି ଦିଲ୍ଲୀରେ ତାଙ୍କର ୪୯ ଦିନର ଶାସନ ଭିତରେ ଭ୍ରଷ୍ଟାଚାର ଏବଂ ମୂଲ୍ୟ ବୃଦ୍ଧି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି ।

୧. ସ୍ୱଳ୍ପ ରୋଜଗାର କ୍ଷମ ଜନତାଙ୍କ ପାଇଁ ବିଦ୍ୟୁତ୍ ଶୁଳ୍କ ଦେୟକୁ ଅଧା କରିବା ।

୨. ଗରୀବ ଏବଂ ମଧ୍ୟବିତ୍ତ ଶ୍ରେଣୀର ଜନତାଙ୍କୁ ୬୫୦ ଲିଟର ପିଇବା ପାଣି ମାଗଣାରେ ପ୍ରଦାନର ବ୍ୟବସ୍ଥା ।

୩. ଟାଇମ୍ସ ଅଫ ଇଣ୍ଡିଆର ସର୍ବେକ୍ଷଣ ଅନୁସାରେ ଦିଲ୍ଲୀରେ ଭ୍ରଷ୍ଟାଚାରର ସ୍ତର ଏକ ପର୍ଯ୍ୟାପ୍ତ ପରିମାଣରେ କ୍ଷୟ ଘଟିଛି ।

(୧) ପୋଲିସ୍ କର୍ମଚାରୀ ମାନଙ୍କର ଭ୍ରଷ୍ଟାଚାରର ପଥ ଅବରୋଧ ।

(୨) ଗୋଟିଏ ଲାଇସେନ୍ସ ପାଇବାକୁ ଥିବା ସାଧାରଣ ମଣିଷ ଉପରେ ମେଣ୍ଢାଲୋମଭଳି ଆବୋରିଥିବା ଟାଉଟର୍ ମାନଙ୍କୁ ବିରୋଧ ।

(୩) ସରକାରୀ ଡ଼ାକ୍ତରଖାନାରେ ଉପଯୁକ୍ତ ପରିମାଣରେ ଔଷଧ ଗଚ୍ଛିତର ବ୍ୟବସ୍ଥା ।

୪. ୧୯୮୪ ମସିହାର ଶିଖ୍ ଦଙ୍ଗାର ତଦନ୍ତ ନିମିତ୍ତ SIT ନିଯୁକ୍ତି ପ୍ରଦାନ ।

୫. ମହିଳାମାନଙ୍କ ସୁରକ୍ଷା ପାଇଁ ଏକ ବିଶେଷ ସେଲ ଖୋଲାଯିବାର ଯୋଜନା ଓ ଏହି ଯୋଜନାର କାର୍ଯ୍ୟକଳାପକୁ ଅନୁଧ୍ୟାନ କରିବା ନିମିତ୍ତ ଏକ କମିଟି ଗଠନ ।

୬. ଅସ୍ଥାୟୀ ଶ୍ରମିକ ମାନଙ୍କୁ ସ୍ଥାୟୀକରଣ ଏବଂ ଏହାର କାର୍ଯ୍ୟକୁ ଅନୁଧ୍ୟାନ କରିବା ନମିତ୍ତ ଏକ କମିଟି ଗଠନ ।

୭. ବିଶିଷ୍ଟ ପଦାଧିକାରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥାର ନିୟନ୍ତ୍ରଣ ଯେପରିକି କାରରେ ଲାଲବତୀକୁ ବିରୋଧ, ବିଶାଳକାୟ ବଙ୍ଗଳା ଓ ବିଶେଷ ସୁରକ୍ଷା କର୍ମୀ ରାଜନୈତିକ ନେତା ଓ ରାଜ କର୍ମଚାରୀଙ୍କୁ ପ୍ରଦାନକୁ ବିରୋଧ ।

୮. ବେସରକାରୀ ବିଦ୍ୟୁତ୍‌ଶକ୍ତି ବଣ୍ଟନ କ୍ଷେତ୍ରରେ ଅନିୟମିତତାକୁ ଅନୁଧ୍ୟାନ କରିବା ପାଇଁ CAG କୁ ଆଦେଶ ପ୍ରଦାନ ।

୯. FDI ରେ ପୁଞ୍ଜି ନିବେଶ ପାଇଁ ବାରଣ ।

୧୦. ଆମ୍ ଆଦମୀ ପାର୍ଟିର ମନ୍ତ୍ରୀମାନଙ୍କର ରାତ୍ରୀ କାଳୀନ ଗସ୍ତ ଏବଂ ପ୍ରକୃତ ତଥ୍ୟ ଅନୁଧ୍ୟାନ । ଆମେ ବର୍ତ୍ତମାନ ଭ୍ରଷ୍ଟାଚାର ଓ ଦ୍ରୁତ ମୂଲ୍ୟ ବୃଦ୍ଧି ବିରୁଦ୍ଧରେ ଏକ ରାଲି ବାହାର କରିବା ପାଇଁ ପ୍ରସ୍ତୁତ ହେଉଛୁ ।



ଯଦି ଆପଣମାନେ ଏହି ଦେଶକୁ ରକ୍ଷା କରିବାକୁ ଚାହୁଁଛନ୍ତି,

**ତେବେ ଅରବିନ୍ଦ୍ କେଜରିୱାଲଙ୍କୁ (ଆମ୍ ଆଦମୀ ପାର୍ଟି)**

ଝାଡୁ ଚିହ୍ନରେ ଭୋଟ ଦେଇ ଜିତାଇ ଦିଅନ୍ତୁ ।



ଆମ୍ ଆଦମୀ ପାର୍ଟି - ସେଣ୍ଟ୍ରାଲ୍ ଅଫିସ୍ - ଏ୧୧୯, କୌଶମ୍ବି, ଗାଜିଆବାଦ, ୟୁପି -୨୦୧୦୧୦ ହେଲ୍ପଲାଇନ୍ : ୦୯୭୧୮୫୦୦୬୦୬